# ଜିଲ୍ଲା ଗୃହ ରକ୍ଷୀ କାର୍ଯ୍ୟାଳୟ କୋରାପୁଟ।

## ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

ବିଜ୍ଞାପନ ସଂଖ୍ୟା । 01 / 20 /03/2025

ଶ୍ରୀମାନ ମହାସମାଦେଷ୍ଟା , ଗୃହରକ୍ଷୀ ବାହିନୀ ଓଡିଶା କଟକ ଙ୍କ ପତ୍ର ସଂଖ୍ୟା – 225/ ଗୃହରକ୍ଷୀ, ତା.05/02/2025 ରିଖ ଅନୁଯାୟୀ କୋରାପୁଟ ଜିଲ୍ଲାର ଗୃହରକ୍ଷୀ ସଂଗଠନ ରେ ଖାଲି ପଡିଥିବା ଗୃହରକ୍ଷୀ ପଦବୀ ରେ ନିଯୁକ୍ତି ପାଇଁ ଆଗ୍ରହୀ ପ୍ରାର୍ଥୀ ଙ୍କ ଠାରୁ ନିର୍ଧାରିତ ଫର୍ମ ( ଓଡିଶା ଗୃହରକ୍ଷୀ ଦଳ ନିଯମାବଳୀ 1962 ର ଫର୍ମ (କ) ) ରେ ଦରଖାସ୍ତ ଆହ୍ୱାନ କରା ଯାଉଅଛି । ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ମାନେ ସମାଦେଷ୍ଟା , ଗୃହରକ୍ଷୀ ବାହିନୀ କୋରାପୁଟ ଙ୍କ କାର୍ଯ୍ୟାଳୟ ( ଆରକ୍ଷୀ ଅଧିକ୍ଷକ ) ଙ୍କ କାର୍ଯ୍ୟାଳୟ ଠାରେ ତାରିଖ **10/04/2025 ଠାରୁ 25/04/2025** ତାରିଖ ସୁଧା ଆବେଦନ ପତ୍ର ଦାଖଲ କରିବେ । ନିଯୁକ୍ତି ପରୀକ୍ଷା ସମୟରେ ସେମାନେ ମୂଳ ପ୍ରମାଣ ପତ୍ର ଗୁଡିକ ଦେଖାଇବେ । ଆବେଦନ ଶେଷ ତାରିଖ ପରେ ଏବଂ ପ୍ରାପ୍ତ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ନିଯୁକ୍ତି ପରୀକ୍ଷା କେଉଁଠି ଏବଂ କେବେ ଅନୁଷ୍ଠିତ ହେବ ଏହା ପୂର୍ବରୁ ଆବେଦନକାରିମାନଙ୍କୁ ଜଣାଇ ଦିଆଯିବ । କମ୍ପୁଟର, ବାହାନ ଚାଳକ, ବିଦ୍ୟୁତ ମିସ୍ତ୍ରୀ, ପାଇପ ମିସ୍ତ୍ରୀ, ରୋଷେୟା, ବଢେଇ, ରାଜମସ୍ତ୍ରୀ, ନାପିତ (barber) ଇତ୍ୟାଦି ଦକ୍ଷତାରେ ଜ୍ଞାନ ଏବଂ ବ୍ୟବହାରିକ ଅଭିଜ୍ଞତା ଥିବା ଆବେଦନକାରିମାନଙ୍କୁ ନମ୍ବରରେ ଗୁରୁତ୍ୱ ଦିଆଯିବ । ପଞ୍ଜୀକୃତ ବ୍ୟକ୍ତି ସେମାନଙ୍କର ସେବା ପ୍ରଦାନ କରିବା ଦିନ ପାଇଁ ଡ୍ୟୁଟି କଲ୍ ଭତ୍ତା (DCA) ଭାବରେ ପ୍ରତିଦିନ ଟଙ୍କା ୬୧୨/- ପାଇବେ ।

**ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା ମାନଙ୍କରେ ଉପଲବ୍ଧ ହେବ ।**

| କ୍ରମିକ ସଂଖ୍ୟା | ଥାନାର ନାମ | ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା | |
|---|---|---|---|
| | | ପୁରୁଷ ଗୃହରକ୍ଷୀ | ମହିଳା ଗୃହରକ୍ଷୀ |
| ୦୧ | କୋରାପୁଟ ଟାଉନ ଥାନା | ୯ | 0 |
| ୦୨ | ଜୟପୁର ଟାଉନ ଥାନା | ୧୦ | ୨ |
| ୦୩ | ସୁନାବେଡା ଥାନା | ୫ | ୨ |
| ୦୪ | ଦାମନଯୋଡି ଥାନା | ୨ | ୦ |
| ୦୫ | ବୋରିଗୁମା ଥାନା | ୩ | ୦ |
| ୦୬ | ବୈପାରିଗୁଡା ଥାନା | ୦ | ୧ |
| ୦୭ | ବି. ସିଙ୍ଗପୁର ଥାନା | ୦ | ୦ |
| ୦୮ | ବନ୍ଧୁଗାଁ ଥାନା | ୧ | ୦ |
| ୦୯ | ଦଶମନ୍ତପୁର ଥାନା | ୧ | ୦ |
| ୧୦ | ଜୟପୁର ସଦର ଥାନା | ୧ | ୦ |

| | | | |
|---|---|---|---|
| ୧୧ | କୋରାପୁଟ ସଦର ଥାନା | ୦ | ୧ |
| ୧୨ | କାକୀରିଗୁମ୍ମା ଥାନା | ୧ | ୦ |
| ୧୩ | କୁନ୍ଦ୍ରା ଥାନା | ୫ | ୧ |
| ୧୪ | କୋଟପାଡ ଥାନା | ୪ | ୦ |
| ୧୫ | ଲକ୍ଷ୍ମୀପୁର ଥାନା | ୨ | ୦ |
| ୧୬ | ମାଛକୁଣ୍ଡ ଥାନା | ୫ | ୦ |
| ୧୭ | ନାରାୟଣପଟଣା ଥାନା | ୬ | ୦ |
| ୧୮ | ନନ୍ଦପୁର ଥାନା | ୩ | ୨ |
| ୧୯ | ପାଡୁଆ ଥାନା | ୩ | ୨ |
| ୨୦ | ପୋଟାଙ୍ଗି ଥାନା | ୪ | ୦ |
| ୨୧ | ସେମିଳିଗୁଡା ଥାନା | ୮ | ୦ |

**ଯୋଗ୍ୟତା :-**

**ଆବେଦନ କରିବା ପାଇଁ ଜଣେ ପ୍ରାର୍ଥୀ ଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-**

୧. ପ୍ରାର୍ଥୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨. ପ୍ରାର୍ଥୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩. ପ୍ରାର୍ଥୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷା ରେ ଉତ୍ତୀର୍ଣ ହୋଇଥିବେ ।

୪. ପ୍ରାର୍ଥୀ ଓଡିଆ ଭାଷା ପଢି, ଲେଖି ଏବଂ କହିପାରୁଥିବେ ।

୫. ପ୍ରାର୍ଥୀ ଜଣେ ଭଲ ନୈତିକ ଚରିତ୍ରର ଅଧିକାରୀ ହୋଇଥିବେ ଏବଂ ସେ କୌଣସି ଫୌଜଦାରୀ ମାମଲାରେ ବିଚାରର ସମ୍ମୁଖୀନ ହୋଇନଥିବେ କିମ୍ବା କୌଣସି ଫୌଜଦାରୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ ।

୬. ପ୍ରାର୍ଥୀ ଜଣେ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ ଶରୀରର ଅଧିକାରୀ ହୋଇଥିବେ ଏବଂ ତାଙ୍କୁ କୌଣସି ଜଟିଳ ଶାରୀରିକ ସମସ୍ୟା ନ ଥିବ ।

**ଆବେଦନକାରୀଙ୍କୁ ନିମ୍ନ ଲିଖିତ କାଗଜ ପତ୍ର ଦରଖାସ୍ତ (ଫର୍ମ – କ ) ସହିତ ସଂଲଗ୍ନ କରିବାକୁ ପଡିବ :-**

୧. ଆବାସିକ ପ୍ରମାଣ ପତ୍ର ।

୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରି ଗୋଟି (ରଙ୍ଗୀନ) ପାସପୋର୍ଟ ଆକାରର ନିଜ ଫଟୋ ।

୪. ବୈଷୟିକ ଦକ୍ଷତା ପ୍ରମାଣପତ୍ର ନକଲ ( ଯଦି ଥାଏ ) ।

୫. ବାହନ ଚାଳକ ପ୍ରମାଣପତ୍ର ନକଲ ( ଯଦି ଥାଏ ) ।

୬.ପରିଚୟ ପ୍ରମାଣ ପତ୍ର ।

ସମାଦେଷ୍ଟା ,ଗୃହରକ୍ଷୀ ବାହିନୀ
କୋରାପୁଟ